# Akashvani, Sambalpur

## SAMBALPURI NEWS BULLETIN

### 10 July 2025- 6.47- 6.52 am.

**********************************************

ରାଷ୍ଟ୍ରପତି ଗସ୍ତ-ପ୍ରସ୍ତୁତି I&PR

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ୧୪ ତାରିଖ୍ ଦିନ ଦୁଇଦିନିଆ ଓଡ଼ିଶା ଗସ୍ତଥି ଆସ୍‌ବେ । ୧୪ ତାରିଖ୍ ଉପର୍‌ବେଲା ଭୁବନେଶ୍ୱର ବିମାନ ବନ୍ଦର ନ ପୁହିଁଚିକରି ଏମ୍ସର ସମାବର୍ତନ ଉଛବ୍‌ଥି ଯୋଗ୍ ଦେବେ । ସେହିଦିନ ରାଜ୍ୟ ରାଜଭବନ୍ ରାତି ରହଣୀ କରି କରି ଆରଦିନ ସଖାଲ୍‌ବେଲା କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର୍ ବାର୍ଷିକ ସମାବର୍ତନ୍ ଉଛବ୍‌ଥି ଯୋଗ୍ ଦେବେ । ତାର୍ ଉତ୍‌ରୁ ରେଭେନ୍ସ ବାଳିକା ଉଚ୍ଚ ବିଦ୍ୟାଳୟ ଉନ୍ନତିକରଣ କାମ୍‌ର ଭିତିପ୍ରସ୍ତର ଥାପ୍‌ନା କର୍‌ବେ । ସେହିଦିନ କଟକ ନ ସାରଳା ସାହିତ୍ୟ ସଂସଦ ତର୍‌ଫୁ ହେବାର୍‌କେ ଥିବା ଆଦିବକି ସାରଳା ଦାସଙ୍କର୍ ଜୟନ୍ତୀ କାର୍ଯ୍ୟକ୍ରମ୍‌ଥି ରାଷ୍ଟ୍ରପତି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ରାଷ୍ଟ୍ରପତିଙ୍କର ଗସ୍ତକେ ନେଇକରି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କର ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇଥି ଭିନ୍ ଭିନ୍

ବିଭାଗ୍ ଆଉ ପୁଲିସ ବାହିନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ପୂର୍ବାଂଚଲ କ୍ଷେତ୍ରୀୟ ପରିଷଦ ବୈଠକ୍    ଭୁବନେଶ୍ୱର ସମ୍ବାଦଦାତା

ଝାର୍ଖଣ୍ଡର ରାଂଚିଠାନେ ଆଏଜ୍ ପୂର୍ବାଂଚଲ କ୍ଷେତ୍ରୀୟ ପରିଷଦ ବୈଠକ୍ ହେବା । ଇଥି ଯୋଗ୍ ଦେବାର୍କେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଲାକାଏଲ୍ ଝାଡ଼ଖଣ୍ଡ ଗସ୍ତ କରିଛନ୍ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କର ଅଧକ୍ଷତାଥି ହେବାର୍କେ ଥିବା ବୈଠକ୍‌ଥି ଓଡ଼ିଶା, ବିହାର, ଝାର୍ଖଣ୍ଡ, ଛତିଶଗଡ଼ ଆଉ ପଶ୍ଚିମବଙ୍ଗର ପ୍ରତିନିଧିମାନେ ଯୋଗ୍ ଦେଇକରି ନକ୍ସଲବାଦ, ଆନ୍ତଃରାଜ୍ୟ ସହଯୋଗ୍, ସୀମା ବିବାଦ୍, ସୁରକ୍ଷା ଆଉ ବିକାଶ ମୂଳକ୍ ବିଷେଥି ଆଲୋଚନା କର୍‌ବେ ।

ମତ୍ସ୍ୟଚାଷୀ ଦିବସ୍    ଆର୍‌ଏନ୍‌ୟୁ /ସମ୍ବଲପୁର/ ପିଆଇବି

ଆଏଜ୍ ହେଉଛେ ଜାତୀୟ ମତ୍ସ୍ୟଚାଷୀ ଦିବସ୍ । ଫି’ ବଛର୍ ଜୁଲାଇ ୧୦ ତାରିଖ୍‌କେ ମତ୍ସ୍ୟଚାଷୀ ଦିବସ୍ ଭାବେ ପାଳନ୍ କରାଯାଏସି । ଇ ଅବ୍‌ସରେ କେନ୍ଦ୍ର ମତ୍ସ୍ୟ ଆଉ ପ୍ରାଣୀପାଳନ୍ ମନ୍ତ୍ରଣାଳୟ ତର୍‌ଫୁ ଭୁବ୍‌ନେଶ୍ୱର କୌଶଲ୍ୟାଗଙ୍ଗ ଠାନେ ଥିବା

ଆଇସିଏଆର୍- ସିଫା ପରିସର୍ ନ ଆଏଜ୍ ଜାତୀୟ ମତ୍ସ୍ୟଚାଷୀ ଦିବସ୍- ୨୦୨୫ ପାଲନ୍ କରାଯିବା । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ମତ୍ସ୍ୟ ଆଉ ପ୍ରାଣୀପାଲନ୍ ମନ୍ତ୍ରୀ ରାଜୀବ୍ ରଞ୍ଜନ୍ ସିଂ ବିଭାଗ୍‌ର ରାଷ୍ଟ୍ରମନ୍ତ୍ରୀ ପ୍ରଫେସର୍ ଏସ୍.ପି. ସିଂ ବଘେଲ୍ ଆର୍ ଜର୍ଜ କୁରିଏନ୍ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନେଇକରି ମାଛ୍ ଚାଷ୍ କ୍ଷେତ୍ର୍‌ଥି ଓଡ଼ିଶାକେ ଗୁଟେ ଆଗୁଆ ରାଜ୍ୟ କର୍‌ବାର୍ ସହେତେ ଭିଜନ୍ ୨୦୩୬ ଲକ୍ଷ୍ୟ ପୂରଣ ଲାଗି ସରକାର ସଙ୍କଳ୍ପବଦ୍ଧ ବଲି କହିଛନ୍ ।

ରାଜ୍ୟ ଆଇନ କମିଶନ୍ ବୈଠକ୍ I&PR

ରାଜ୍ୟ ଆଇନ କମିଶନ୍‌ଙ୍କର୍ ପହେଲା ବୈଠକ୍ ଗଲାକାଏଲ୍ ଭୁବନେଶ୍ୱର ତୋଷାଳୀ ଭବନ୍‌ଠାନେ ହେଇଯାଇଛେ । ବୈଠକ୍‌ଥି କମିଶନ୍‌ର ୫ଟା କାର୍ଯ୍ୟସୂଚୀ ଉପ୍‌ରେ ଆଲୋଚନା କରାଯାଇଥିଲା । ଇ ଅବ୍‌ସରେ କମିଶନ୍‌ର ଲୋଗୋ ଆଉ ଇ-ମେଲ୍ ଆଇଡିକେ ଉନ୍ମୋଚନ୍ କରାଯାଇଥିଲା । ବୈଠକ୍‌ଥି କମିଶନ୍ ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ ଆଉ ଅଲ୍‌ଗା ସଦସ୍ୟମାନେ ଉପସ୍ଥିତ ଥିଲେ ।

ଡିଏମ୍ଏଫ୍ ପାଣ୍ଠି-ଓଡ଼ିଶା ପୁରସ୍କୃତ I&PR

କେନ୍ଦ୍ର ସରକାରଙ୍କର ଖଣି ମନ୍ତ୍ରଣାଳୟ ତରଫ୍ରୁ ନୂଆଦିଲ୍ଲୀ ନ ଗୁଟେ ଜାତୀୟ ସ୍ତରୀୟ କର୍ମଶାଳା ହେଇଯାଇଛେ । ଡିଏମ୍ଏଫ୍ ପାଣ୍ଠି ସଂଗ୍ରହ କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଲାଗି ଇ ଅବ୍ସରେ ଓଡ଼ିଶାକେ ପ୍ରଶଂସା କରାଯାଇଛେ । ଇ ପାଣ୍ଠି ଠୁଳାବାର୍ଥି ଓଡ଼ିଶା ଦେଶର୍ ୫ଟା ଶ୍ରେଷ୍ଠ ରାଜ୍ୟ ଭିତ୍ରେ ଠାନ୍ ପାଇଛେ ।

ଏଗ୍ରିକଲ୍ଚର୍ ଲିଡର୍ସିପ୍ ପୁରସ୍କାର୍ I&PR

କୃଷି କ୍ଷେତ୍ରଥି ଉଲ୍ଲେଖନୀୟ ଅବ୍ଦାନ ଲାଗି ରାଜ୍ୟକେ ସର୍ବ ଭାରତୀୟ ସ୍ତର୍ଥି ଶ୍ରେଷ୍ଠ ରାଜ୍ୟ ଭାବେ ଏଗ୍ରିକଲ୍ଚର୍ ଲିଡର୍ସିପ୍ ପୁରସ୍କାର୍ ଦିଆଯାଇଛେ । ନୂଆଦିଲ୍ଲୀ ନ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍ଥି କେନ୍ଦ୍ର ବାଣିଜ୍ୟ ଆଉ ଶିଳ୍ପ ମନ୍ତ୍ରୀ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଆଉ କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଇ ପୁରସ୍କାର୍ ପ୍ରଦାନ୍ କରିଛନ୍ । ପୁରସ୍କାର୍ ପାଏବା ଉତ୍ରୁ ଶ୍ରୀ ସିଂଦେଓ ଇ ପୁରସ୍କାର୍ ଓଡ଼ିଶାର୍ ଚାଷୀମାନ୍କର ନୂଅ ସୃଜନ୍ ଆଉ କଠିନ୍ ପରିଶ୍ରମ୍ର ଫଲ୍ ଆଏ ବଲି କହିଛନ୍ ।

ପୁରୀ ରଥଯାତ୍ରା ଦଲାଚକ୍‌ଟା ତଦନ୍ତ        ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ରଥଯାତ୍ରା ଦଲାଚକ୍‌ଟା ଘଟ୍‌ନାର ତଦନ୍ତ କରୁଥିବା ଉନ୍ନୟନ କମିଶନର ଅନୁ ଗର୍ଗ ଗଲାକାଏଲ୍ ଭୁବନେଶ୍ୱର ରାଜ୍ୟ ଅତିଥି ଭବନ୍‌ଠାନେ ସାକ୍ଷ୍ୟ ଆଉ ତଥ୍ୟ ଗ୍ରହଣ କରିଛନ୍ । ଇଥି ୧୭୯ନ୍ ବ୍ୟକ୍ତି ଆଉ ସଙ୍ଗଠନ୍ ଉପସ୍ଥିତ୍ ରହିକରି ତାଙ୍କର ପାଖେ ଥିବା ତଥ୍ୟ ଆଉ ପ୍ରମାଣ ଦାଖଲ କରିଛନ୍ । ଆଏଜ୍ ଉପର୍‌ବେଲା ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ଠାନେ ଶ୍ରୀମତି ଗର୍ଗ ସାବ୍ୟ ଗ୍ରହଣ କର୍‌ବେ ବଲି ଯୋଜନା ଆଉ ସଂଯୋଜନା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ଗୁରୁପୂର୍ଣ୍ଣିମା        ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ପବିତ୍ର ଗୁରୁପୂର୍ଣ୍ଣିମା । ଇଟାକେ ବ୍ୟାସପୂର୍ଣ୍ଣିମା ଭିଲ୍ କୁହାଯାଏସି । ଗୁରୁ-ଶିଷ୍ୟ ପରମ୍ପରା ଭାରତୀୟ ସଭ୍ୟତା ଆର୍ ସଂସ୍କୃତିର ଅଭିନ୍ନ ଅଙ୍ଗ ଆଏ । ଜୀବନ୍‌ର ସବୁଦିଗେ ବାଟ୍ କଢ଼ଉଥିବା ଗୁରୁମାନ୍‌କୁ ସମ୍ମାନ୍ ଜନେଇକରି ଗୁରୁପୂର୍ଣ୍ଣିମା ମନାଯାଏସି ।

ସମ୍ବଲପୁର-ଓଡ୍ରାଫ୍ ଥାପ୍‌ନା        ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଲ୍- ଓଡ୍ରାଫ୍‌ର ଗୁଟେ ନୂଆ ୟୁନିଟ୍ ସମ୍ବଲପୁର୍ ନ ଖୁଲ୍‌ବା । ଇଥି ଅଧିକାରୀ ଆଉ କର୍ମଚାରୀମାନଙ୍କୁ ମିଶେଇକରି ମୋଟ ୪୫ଟା ପଦ୍‌ବୀ ରହେବା । ସାରା ରାଏଜେ ୧୦ଟା ନୂଆ ଓଡ୍ରାଫ୍ ୟୁନିଟ୍ ଥାପ୍‌ନା କରାଯିବା ବଲି ସରକାରୀ ସୂତ୍ରନୁ ଜନାପଡ଼ିଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍    ଆର୍‌ଏନ୍‌ୟୁ ସମ୍ବଲପୁର

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଆଏଜ୍ ୧୬ ଟା ଗେଟ୍ ଦେଇକରି ବଏଢ଼୍ ପାଏନ୍ ଛଡ଼ାଯାଉଛେ । ହୀରାକୁଦ୍ ଡେମ୍ କର୍ତୃପକ୍ଷଙ୍କର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ସଖାଲର୍ ୬ ବଜେତକ୍ ଜଲ୍‌ଭଣ୍ଡାରକେ ଫି' ସେକେଣ୍ଡ୍‌ଥି ୨ ଲାଖ୍ ୪୧ ହଜାର୍ ୨ ଶହ ୫୨ ଘନଫୁଟ୍ ପାଏନ୍ ଆସୁଥିବାର୍ ବେଲେ ୨ ଲାଖ୍ ୬୮ ହଜାର୍ ୪ ଶହ ୬୯ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୫ ଦଶ୍‌ମିକ୍ ୩/ ୯ ଫୁଟ୍ ରହିଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଗାଙ୍ଗେୟ ପଶ୍ଚିମବଙ୍ଗ ଆଉ ତାର୍ ପାଖର୍ ଇଲାକା ଉପ୍ରେ ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ବଙ୍ଗୋପ୍‌ସାଗର୍ ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍‌ଥି ରାଏଜେ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍ରେ ସମ୍ବଲ୍‌ପୁର୍, ବର୍‌ଗଡ୍, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା ସହେତେ ୨୦ଟା ଜିଲ୍ଲାନ ଘଡ୍‌ଘଡ଼ି ମାରିକରି ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।